# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**5 May - 2026**

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟକୁ ଶିଳ୍ପ ସମୃଦ୍ଧ ଓ ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା

– ଓଡ଼ିଶାରେ ପୁଞ୍ଜିନିବେଶ ବୃଦ୍ଧି ପାଇଁ ତିନିଦିନିଆ ଗୁଜୁରାଟ ଗସ୍ତ ଅବସରରେ କହିଲେ ମୁଖ୍ୟମନ୍ତ୍ରୀ

- ଦେଶରେ କପାର ଉତ୍ପାଦନ ବୃଦ୍ଧି ପାଇଁ କପାସ୍ କ୍ରାନ୍ତି ଅଭିଯାନକୁ ମଞ୍ଜୁରି ଦେଲେ କେନ୍ଦ୍ର ସରକାର

- ଜୁନ୍ ପହିଲାରୁ କାର୍ଯ୍ୟକ୍ଷମ ହେବ ରାୟଗଡ଼ା ନୂଆ ରେଳ ଡିଭିଜନ

ଏବଂ

- ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ରାଜ୍ୟକୁ ଶିଳ୍ପ ସମୃଦ୍ଧ ଏବଂ ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଓଡ଼ିଶାରେ ପୁଞ୍ଜି ନିବେଶ ବୃଦ୍ଧି ପାଇଁ ଶ୍ରୀ ମାଝୀ ଆଜିଠାରୁ ତିନିଦିନିଆ ଗୁଜୁରାଟ ଗସ୍ତରେ ଯାଇଛନ୍ତି । ସେଠାରେ ପହଁଞ୍ଚିବା ପରେ ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ନିବେଶକଙ୍କୁ ଆକୃଷ୍ଟ କରି ଓଡ଼ିଶାରେ ଶିଳ୍ପ ନିଯୁକ୍ତି ଆହୁରି ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ସେ ଗୁଜୁରାଟଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀଙ୍କୁ ଓଡ଼ିଶାର ଶିଳ୍ପ, ସାମର୍ଥ୍ୟ ସହ ପରିଚିତ କରାଇବା ଏବଂ ରାଜ୍ୟର ଅପରାଜେୟ ବିକାଶ ଯାତ୍ରାରେ ସହଭାଗୀ କରାଇବା ଗୁଜୁରାଟ ଗସ୍ତର ମୂଳଲକ୍ଷ୍ୟ । ଏହା ସହ ଯୁବଶକ୍ତିଙ୍କ ପାଇଁ ନିଜ ମାଟିରେ ସମ୍ମାନଜନକ ଜୀବିକାର ସୁଯୋଗ ସୃଷ୍ଟି ଏବଂ ସମୃଦ୍ଧ ତଥା ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଏହି ପଦକ୍ଷେପ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଗସ୍ତ ଅବସରରେ ଶ୍ରୀ ମାଝୀ ଅହମ୍ମଦାବାଦ, ମୁନ୍ଦ୍ରା ଓ ଭଦୋଦରାଠାରେ ରୋଡ୍‌ଶୋ, ରାଉଣ୍ଡଟେବୁଲ ବୈଠକ କରିବା ସହିତ

ରାଜ୍ୟରେ ଶିଳ୍ପ ବିକାଶ ନେଇ ଉଦ୍ୟୋଗପତିମାନଙ୍କ ସହ ଆଲୋଚନା କରିବେ । ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଗୁଜୁରାଟ ଗସ୍ତରେ ଯାଇଛନ୍ତି। ପୂର୍ବରୁ ହାଇଦ୍ରାବାଦ ଓ କୋଲକାତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

Desk

## କପାସ କ୍ରାନ୍ତି

ଦେଶର କପା ଚାଷୀମାନଙ୍କ ଉନ୍ନତି ତଥା କପାର ଉତ୍ପାଦନ ବୃଦ୍ଧି ପାଇଁ କେନ୍ଦ୍ର ସରକାର କପାସ୍ କ୍ରାନ୍ତି ଅଭିଯାନକୁ ମଞ୍ଜୁରୀ ଦେଇଛନ୍ତି। କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏଥିପାଇଁ ୫ ହଜାର ୬୫୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହା ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟକାରୀ ହେବ।

BBSR/R

## ମୁଖ୍ୟମନ୍ତ୍ରୀ–ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ଆଜି ଶକ୍ତି ବିଭାଗର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୈଠକରେ ଯୋଗଦେଇ ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ପାଇଁ ଶକ୍ତି ବିଭାଗର ପ୍ରସ୍ତୁତି ଉପରେ ସମୀକ୍ଷା

କରିଛନ୍ତି। ରାଜ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ  ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାହକ କୈନ୍ଦ୍ରିକ ସେବା ପ୍ରଦାନ, ଅଭିଯୋଗର ପ୍ରତିକାର ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସମର୍ପିତ ଦଳର ସଂଖ୍ୟା ଆଗାମୀ ଦିନରେ ବୃଦ୍ଧି କରାଯିବ। ରାଜ୍ୟର ଜନସାଧାରଣଙ୍କୁ ସରକାର ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଚେଷ୍ଟିତ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ ରାଜ୍ୟର ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀର ସି.ଇ.ଓ.ମାନେ ଉପସ୍ଥିତ ଥିଲେ।

Desk

## ଉପମୁଖ୍ୟମନ୍ତ୍ରୀ–ଜାତିସଂଘ

ଭାରତରେ ଜାତିସଂଘର ଆବାସିକ ସଂଯୋଜକ ଷ୍ଟିପେନ୍ ପ୍ରିସନର୍ ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଜ୍ୟ ସରକାର ଆତ୍ମନିର୍ଭର ଭାରତ ସଂକଳ୍ପକୁ ସାକାର କରିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଓଡ଼ିଶା କୃଷି, ଶିଳ୍ପ ତଥା ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରି ଦେଶ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ରାଜ୍ୟ ସରକାର କୃଷିକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ଜଳବାୟୁ ଅନୁକୂଳ ଚାଷ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଏବଂ କୃଷି ମୂଲ୍ୟଶୃଙ୍ଖଳକୁ ମଜଭୁତ କରିବା

ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ୟୁନେସ୍କୋ ଚିହ୍ନିତ ବିଶ୍ୱ ଐତିହ୍ୟସ୍ଥଳ ଏବଂ ରାଣୀପୁର–ଝରିଆଲ ଓ ହରିଶଙ୍କର ଭଳି ପର୍ଯ୍ୟଟନସ୍ଥଳଗୁଡ଼ିକର ସ୍ଥାୟୀ ବିକାଶ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଓଡ଼ିଶାକୁ ଅକ୍ଷୟ ଶକ୍ତିର କେନ୍ଦ୍ର ଭାବେ ଗଢ଼ି ତୋଳିବା, ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ଜାତିସଂଘର ସହଯୋଗ ନେଇ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା।

Rayagada

## ରାୟଗଡା ରେଳ ଡିଭିଜନ

ରାୟଗଡ଼ା ରେଳ ଡିଭିଜନ୍ ଆସନ୍ତା ଜୁନ୍ ମାସ ପହିଲାରୁ କାର୍ଯ୍ୟକ୍ଷମ ହେବ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବତଟ ରେଳ ଅଧୀନରେ ରାୟଗଡ଼ା ତୃତୀୟ ରେଳ ଡିଭିଜନ ଭାବେ କାମ କରିବ। ପୂର୍ବତଟ ରେଳବାଇ ଅଧୀନରେ ପୂର୍ବରୁ ଖୋର୍ଦ୍ଧା ଏବଂ ସମ୍ବଲପୁର ରେଳ ଡିଭିଜନ ରହିଛି। ରାୟଗଡ଼ା  ଡିଭିଜନ ଅଧୀନରେ ମୋଟ ୬୯୫ କିଲୋମିଟର ରେଳପଥ ରହିବ। ୱାଲଟିୟର ଡିଭିଜନର କିଛି ଷ୍ଟେସନ ରାୟଗଡ଼ା ଡିଭିଜନରେ ଅନ୍ତର୍ଭୁକ୍ତ କରାଯାଇଛି। ନୂଆ ରାୟଗଡା ରେଳମଣ୍ଡଳ ଅଧୀନରେ କୋରାପୁଟ, ସିଙ୍ଗାପୁର ରୋଡ, କିରନ୍ଦୁର, ଗୁଣୁପୁର, ପାରଳା ସମେତ ଦକ୍ଷିଣ ଓଡ଼ିଶାର ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନକୁ  ସାମିଲ କରାଯାଇଛି। ଏହା ବ୍ୟତୀତ ଇଚ୍ଛାପୁର-ପଲ୍ଲାସାକୁ

ପୂର୍ବତଟ ରେଳବାଇ ଅଧୀନରୁ ବାହାର କରାଯାଇ ବିଶାଖାପାଟଣା ରେଳ ଡିଭିଜନରେ ସାମିଲ କରାଯାଇଥିବା ନେଇ ବିଜ୍ଞପ୍ତିରେ କୁହାଯାଇଛି। ରାୟଗଡ଼ା ନୂଆ ରେଳ ଡିଭିଜନ ଭିତ୍ତିଭୂମି ବିକାଶ ପାଇଁ ସରକାର ପ୍ରାୟ ୧୦୭ କୋଟି ଟଙ୍କା ଖର୍ଚ୍ଚ କରିବେ।

BBSR/R

## ଦୁର୍ଘଟଣା ହ୍ରାସ– ସମୀକ୍ଷା ବୈଠକ

ରାଜ୍ୟ ସରକାର ସଡ଼କ ଦୁର୍ଘଟଣା ହ୍ରାସ ଉପରେ ପ୍ରାଧାନ୍ୟ ଦେଉଛନ୍ତି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଉପପରିବହନ ଆୟୁକ୍ତ, ଆଞ୍ଚଳିକ ପରିବହନ ଅଧିକାରୀ ଓ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁର ଆଜି ସମୀକ୍ଷା ବୈଠକ କରିଛନ୍ତି। ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା, ସଚେତନତା ଓ ଏନ୍‌ଫୋର୍ସମେଣ୍ଟ ବୃଦ୍ଧି କରିବା ଉପରେ ବୈଠକରେ ଆଲୋଚନା କରାଯାଇଛି। ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି ଫିଟ୍‌ନେସ୍ ପ୍ରଦାନ ପ୍ରକ୍ରିୟା ସ୍ୱଚ୍ଛତା ଅବଲମ୍ବନ କରିବାକୁ ଶ୍ରୀ ଠାକୁର ନିର୍ଦ୍ଦେଶ ଦେଇଛନ୍ତି। ସଚେତନ ନାଗରିକଙ୍କ ସହଯୋଗ ନେଇ ସଡ଼କ ସୁରକ୍ଷାକୁ ଏକ ଅଭିଯାନରେ ପରିଣତ କରିବାକୁ ହେବ। ଆର୍.ଟି.ଓ.ମାନଙ୍କ ଦକ୍ଷତା ରିପୋର୍ଟରେ ଆଗାମୀ ଦିନରେ ସଡ଼କ ସୁରକ୍ଷା ଦିଗରେ କାର୍ଯ୍ୟର ଏକ ବିଶେଷ ଭୂମିକା ରହିବ ବୋଲି ଶ୍ରୀ ଠାକୁର କହିଛନ୍ତି। ଏହି ଅବସରରେ ସଡ଼କ ସୁରକ୍ଷା କ୍ଷେତ୍ରରେ ବିଭାଗ ପକ୍ଷରୁ

ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ସଂସ୍କାର ଉପରେ ଆୟୁକ୍ତ ସୂଚନା ପ୍ରଦାନ କରିବା ସହିତ ବୈଷୟିକ  ଜ୍ଞାନକୌଶଳର ଉପଯୋଗ ପାଇଁ ପରାମର୍ଶ ଦେଇଥିଲେ।

Puri

## ରଥ ନିର୍ମାଣ

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ ଆଜି ରଥ ନିର୍ମାଣ କାର୍ଯ୍ୟର ତଦାରଖ  କରିଛନ୍ତି। ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ସୁରକ୍ଷିତ କରିବା ପାଇଁ  ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ସିଂହ କହିଛନ୍ତି। ନିୟନ୍ତ୍ରଣ କକ୍ଷ ସ୍ଥାପନ, ଜନସାଧାରଣଙ୍କ ସୂଚନା ପାଇଁ ଏଲ୍.ଇ.ଡି ସ୍କ୍ରିନ୍, ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବ। ରଥଯାତ୍ରା ଏବଂ ସୁନାବେଶ ସମୟରେ ରାସ୍ତାରେ କଟକଣା ଲାଗୁ ସମ୍ପର୍କରେ ଗୁଗୁଲ୍ ମ୍ୟାପରେ ସୂଚନା ଦିଆଯିବ ବୋଲି ଆରକ୍ଷୀ ଅଧୀକ୍ଷକ କହିଛନ୍ତି।

Deogarh

## ସମୃଦ୍ଧି ଅଭିଯାନ

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ଭର୍ଚୁଆଲ ଏକାଡେମୀର ଭାଷା ସମୃଦ୍ଧି ଅଭିଯାନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ

ହୋଇଯାଇଛି। ଜିଲ୍ଲାରେ ଓଡ଼ିଆ ସଂସ୍କୃତି, ଭାଷା, ସାହିତ୍ୟ ଇତିହାସର ସଂରକ୍ଷଣ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଏବଂ ଡିଜିଟାଇଜେସନ୍ ମାଧ୍ୟମରେ ସଂରକ୍ଷଣ, ଉନ୍ନତିକରଣ ଓ ମାନବୃଦ୍ଧି କରିବା, କୃତ୍ରିମ ବୁଦ୍ଧିମତା ଓ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଏକ ମଡେଲ ଡିଜିଟାଲ ଭାଷା ଭଣ୍ଡାର ପ୍ରସ୍ତୁତ କରିବା ଉପରେ ବୈଠକରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ବହୁମୂଲ୍ୟ ସାହିତ୍ୟ କୃତିକୁ ଅନ୍ୟ ଭାରତୀୟ ଭାଷା ଓ ଇଂରାଜୀ ଅନୁବାଦ କରାଯିବା ସହ ଓଡ଼ିଆ ଭାଷା ଭଣ୍ଡାରରେ ଉପଲବ୍ଧ ତଥ୍ୟକୁ ୱିକିପିଡିଆ, ଗୁଗୁଲ ଏବଂ ମାଇକ୍ରୋସଫ୍ଟ ଭଳି ଡିଜିଟାଲ ପ୍ଲାଟଫର୍ମକୁ ମୁକ୍ତ ତଥ୍ୟ ପ୍ରଦାନ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

Malkangiri

## ପ୍ରକଳ୍ପ ସମୀକ୍ଷା ବୈଠକ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ବୈଠକରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ, ଆଦର୍ଶ ଗ୍ରାମ ଯୋଜନା ଏବଂ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ଆଲୋଚନା କରିଥିଲେ। ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ସହିତ ଭି.ବି.-ଜି.ରାମ.ଜି. ଯୋଜନାରେ ଶ୍ରମିକଙ୍କ ପାଇଁ ଅଧିକ କାର୍ଯ୍ୟଦିବସ ସୃଷ୍ଟି କରିବା ଉପରେ ମନ୍ତ୍ରୀ ଶ୍ରୀ ନାଏକ

ଗୁରୁତ୍ୱାରୋପ କରିଥିଲେ। ସାଂସଦ ବଳଭଦ୍ର ମାଝୀ, ବିଧାୟକ ନରସିଂହ ମାଡ଼କାମୀ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

Gajapati

## ଜନଶୁଣାଣି କାର୍ଯ୍ୟକ୍ରମ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦ କାର୍ଯ୍ୟାଳୟରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାରଳାଖେମୁଣ୍ଡି ସହର ପାଇଁ ବାଇପାସ୍ ରାସ୍ତା ନିର୍ମାଣ ନିମନ୍ତେ ଗଜପତି ଜିଲ୍ଲାର ୭ଟି ଗ୍ରାମ ପ୍ରଭାବିତ ହେବ। ଆୟୋଜିତ ଜନଶୁଣାଣିରେ ପାରଳାଖାସପା ହାତୀବାଡ଼ି, ଗୋପୀନାଥପୁର ଏବଂ ରେଲିସାହିର ସାହିର ଗ୍ରାମବାସୀମାନେ ଯୋଗ ଦେଇଥିଲେ।

Deogarh

## ରନ୍ଧନ ଗ୍ୟାସ କଳାବଜାରୀ

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରନ୍ଧନ ଗ୍ୟାସ ସିଲିଣ୍ଡର ଓ ଅନ୍ୟାନ୍ୟ ପେଟ୍ରୋଲିୟମ୍ ଇନ୍ଧନ ଯୋଗାଣ ଆବଶ୍ୟକତା ଉପରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରନ୍ଧନ ଗ୍ୟାସର କଳାବଜାରୀକୁ ରୋକିବା ଏବଂ ଅବ୍ୟର୍ଥ ବ୍ୟବହାର ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

Malkangiri

## ଶ୍ରମିକ ପଞ୍ଜୀକରଣ ଶିବିର

ମାଲକାନଗିରି ଶିଖପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ଏକ ସଚେତନତା ଓ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ରହି ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

Desk

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି। ବର୍ଷାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।